[2010] 3 S.C.R.

ଜଫାରିଆ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଆଜ୍ଞାଦେଶ ଆବେଦନ (ଫୌଜଦାରୀ ) ସଂଖ୍ୟା 49/2009

ମାର୍ଚ୍ଚ 22, 2010

[ପି. ସଦାଶିବମ୍ ଏବଂ ଏଚ୍. ଏଲ୍. ଦତ୍ତୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ସମ୍ବିଧାନ, 1950:*

*ଅନୁଚ୍ଛେଦ 32 ଏବଂ 21- ବନ୍ଦୀ ଉପସ୍ଥାପନା ଆଜ୍ଞାଦେଶ- ପାକିସ୍ତାନୀ ନାଗରିକ ଭାରତୀୟ ଦୌରା ନ୍ୟାୟାଳୟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା- ସମ୍ପୂର୍ଣ୍ଣ ଦଣ୍ଡ ଭୋଗିବା ପରେ, ଭାରତର କାରାଗାରରେ ବନ୍ଦୀ ରହିବା ଜାରି ରହିଛି- ନିର୍ଣ୍ଣିତ ଯେ ଭାରତ ସରକାର ଆବେଦନକାରୀଙ୍କୁ ପ୍ରତ୍ୟର୍ପିତ କରିବାକୁ ନିର୍ଣ୍ଣୟ ନେଇଥିବାର ନିର୍ଦ୍ଦିଷ୍ଟ ସୂଚନାକୁ ଦୃଷ୍ଟିରେ ରଖି, ଆଉ କୌଣସି ନିର୍ଦ୍ଦେଶର ଆବଶ୍ୟକତା ନାହିଁ- ଆନ୍ତର୍ଜାତୀୟ ଆଇନ-· ସ୍ୱଦେଶ ପ୍ରତ୍ୟାବର୍ତ୍ତନ ।*

ଅପରାଧିକ ମୂଳ ଅଧିକାରିତା : ଆଜ୍ଞାଦେଶ ଆବେଦନ (ଫୌଜଦାରୀ) ସଂଖ୍ୟା 49/2009।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଆବେଦନକାରୀଙ୍କ ତରଫରୁ ବି. ଏସ୍. ବିଲୋରିଆ, ଦୀନେଶ କୁମାର ଗର୍ଗ ।

ଉତ୍ତରଦାତାମାନଙ୍କ ପାଇଁ ମହାଭିକର୍ତ୍ତା ଗୋପାଳ ସୁବ୍ରମଣ୍ୟମ, ଡ. ମନୀଷ ସିଂଭି, ସହାୟକ ମହାଧିବକ୍ତା, ଅମନ ଆଲୁୱାଲିଆ, ଏସ୍. ଏନ୍. ତେରଡାଲ, ଦେବାଂଶୁ କୁମାର ଦେବେଶ, ବିନୟ କୁମାର ଶର୍ମା, ମିଲିନ୍ଦ କୁମାର ଉପସ୍ଥିତ ଥିଲେ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

ଆଦେଶ

1. ଆବେଦନକାରୀଙ୍କ କହିବା ଅନୁଯାୟୀ, ସେ ପାକିସ୍ତାନର ରାହିମାରଖାନ ଜିଲ୍ଲାର ଚୋରେୱାଲାର ଜଣେ ସ୍ଥାୟୀ ବାସିନ୍ଦା ଏବଂ ଗତ ସାଢ଼େ ତିନି ବର୍ଷ ଧରି ଜୟପୁରର କେନ୍ଦ୍ରୀୟ କାରାଗାରରେ ବେଆଇନ ଭାବେ ବନ୍ଦୀ ହୋଇ ରହିଛନ୍ତି, ଯଦିଓ ସେ ଦୌରା ମାମଲା ସଂଖ୍ୟା 228/1997 ରେ ଦୌରା ନ୍ୟାୟାଳୟଙ୍କ ଦ୍ଵାରା ପ୍ରଦତ୍ତ 16.01.2006ରେ ଆଦେଶ ଅନୁଯାୟୀ ନଅ ବର୍ଷର ପ୍ରକୃତ ଦଣ୍ଡ ଭୋଗିସାରିଛନ୍ତି । ତାଙ୍କ ମତରେ, ବର୍ତ୍ତମାନର କାରାବାସ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21ର ଉଲ୍ଲଙ୍ଘନ ଅଟେ । ଆଜ୍ଞାଦେଶ ଆବେଦନ ରେ ସେ ବିଭିନ୍ନ ବିବରଣୀ ଉପରେ ମଧ୍ଯ ଆଲୋକପାତ କରିଛନ୍ତି ଏବଂ ଶେଷରେ ତାଙ୍କୁ ତୁରନ୍ତ ଜୟପୁରର କେନ୍ଦ୍ରୀୟ କାରାଗାରରୁ ମୁକ୍ତ କରିବା ପାଇଁ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ଆବେଦନ ଜାରି କରିବାକୁ ପ୍ରାର୍ଥନା କରିଛନ୍ତି ।

2. ଏହି ନ୍ୟାୟାଳୟ ଦ୍ଵାରା ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ରାଜସ୍ଥାନ ରାଜ୍ୟ ଏକ ପ୍ରତି ଶପଥପାଠ ଦାଖଲ କରିଛନ୍ତି  ଯେଉଁଥିରେ ଦର୍ଶାଯାଇଛି ଯେ ଆବେଦନକାରୀଙ୍କୁ ଜୟପୁରର କେନ୍ଦ୍ରୀୟ କାରାଗାରରୁ ମୁକ୍ତ କରିବାରେ ସେମାନଙ୍କର କୌଣସି ଆପତ୍ତି ନାହିଁ ।

3. ଭାରତ ସରକାରଙ୍କ ତରଫରୁ, ଗୃହ ମନ୍ତ୍ରଣାଳୟର ଉପ ସଚିବ (ବିଦେଶୀ) ନିଜର ଆଭିମୁଖ୍ୟ ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିଥିଲେ । ଭାରତ ସଂଘ ପକ୍ଷରୁ ହାଜର ହୋଇଥିବା ବିଦ୍ଵାନ ଅତିରିକ୍ତ ମହାଭିକର୍ତ୍ତା ଶ୍ରୀ ଗୋପାଳ ସୁବ୍ରମଣ୍ୟମ, ଉକ୍ତ ଶପଥ ପତ୍ରର ଅନୁଚ୍ଛେଦ 10 ପ୍ରତି ଆମର ଧ୍ୟାନ ଆକର୍ଷଣ କରି ଦର୍ଶାଇଛନ୍ତି ଯେ ଭାରତ ସଂଘ ଦ୍ଵାରା ନିଆଯାଇଥିବା ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ଏହି  ନ୍ୟାୟାଳୟରୁ କୌଣସି ନିର୍ଦ୍ଦେଶର ଆବଶ୍ୟକତା ନାହିଁ । ଉକ୍ତ ଶପଥ ପତ୍ରର ଅନୁଚ୍ଛେଦ 10 କୁ ଉଲ୍ଲେଖ କରିବା ଉପଯୋଗୀ ହେବ, ଯାହା ନିମ୍ନରେ ପ୍ରଦାନ କରାଗଲା ।

' ସମ୍ମାନର ସହ, ଏହା ଆହୁରି ମଧ୍ଯ ଉପସ୍ଥାପିତ କରାଗଲା ଯେ ଶ୍ରୀ ଜାଫାରିଆଙ୍କ ସମେତ ସମସ୍ତ ପାକିସ୍ତାନୀ ନାଗରିକ ଯେଉଁମାନେ ସେମାନଙ୍କର ଦଣ୍ଡାଦେଶ ସମାପ୍ତ କରିଛନ୍ତି ଏବଂ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ଦ୍ଵାରା ପାକିସ୍ତାନୀ ନାଗରିକ ଭାବରେ ନିଶ୍ଚିତ ହୋଇଛନ୍ତି, ସେମାନଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ, ଏହି ମନ୍ତ୍ରଣାଳୟ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଠାରୁ 'କୌଣସି ଆପତ୍ତି ନାହିଁ' ପତ୍ର ମାଗିଛନ୍ତି (ଶ୍ରୀ ଜାଫାରିଆଙ୍କ ସମ୍ପର୍କରେ ରାଜସ୍ଥାନ ସରକାରଙ୍କୁ ) । ସେବେଠାରୁ ଶ୍ରୀ ଜାଫାରିଆଙ୍କ ସମ୍ପର୍କରେ ରାଜସ୍ଥାନ ସରକାରଙ୍କ ତରଫରୁ କୌଣସି ଆପତ୍ତି ନଥିବା ପତ୍ର  ଗ୍ରହଣ କରାଯାଇଛି । ତଦନୁସାରେ ଶ୍ରୀ ଜାଫାରିଆଙ୍କୁ ଅଟାରୀ-ୱାଘା ସୀମା ଦେଇ 25 ମାର୍ଚ୍ଚ, 2010 ରେ ପାକିସ୍ତାନକୁ ପ୍ରତ୍ୟର୍ପିତ କରିବାକୁ ନିଷ୍ପତ୍ତି ନିଆଯାଇଛି ।

4. ଭାରତ ସରକାର ଆବେଦନକାରୀ ଜାଫାରିଆଙ୍କୁ ଅଟାରୀ-ୱାଘା ସୀମା ଦେଇ 25 ମାର୍ଚ୍ଚ, 2010 ରେ ପାକିସ୍ତାନକୁ ପ୍ରତ୍ୟର୍ପିତ କରିବାକୁ ନିର୍ଣ୍ଣୟ ନେଇଛନ୍ତି ଏହି ନିର୍ଦ୍ଦିଷ୍ଟ ସୂଚନାକୁ ଦୃଷ୍ଟିରେ ରଖି, ଉପରୋକ୍ତ ସୂଚନାକୁ ନଥିଭୁକ୍ତ କରିବା ବ୍ୟତୀତ ଆଉ କୌଣସି ନିର୍ଦ୍ଦେଶର ଆବଶ୍ୟକତା ନାହିଁ । ବିଦ୍ୱାନ ମହାଭିକର୍ତ୍ତାଙ୍କ ଉଦ୍ୟମ ଏବଂ ଭାରତ ସରକାରଙ୍କ ଚୂଡ଼ାନ୍ତ ନିର୍ଣ୍ଣୟକୁ ଏହି ନ୍ୟାୟାଳୟ ପ୍ରଶଂସା କରିଛନ୍ତି ।

5. ଉପରୋକ୍ତ ପର୍ଯ୍ୟବେକ୍ଷଣ ସହିତ, ଆଜ୍ଞାଦେଶ ଆବେଦନ ଫଏସଲା କରାଯାଇଥାଏ ।

R.P. ଆଜ୍ଞାଦେଶ ଆବେଦନର ସମାଧାନ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।